# NATIONAL NEWS BULLETIN (ODIA)

## 23 August - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସାରା ଦେଶ ଆଜି ପାଳନ କରୁଛି ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁକ୍ରେନ୍ ଗସ୍ତ ଯୁଦ୍ଧ ଶେଷ କରିବାରେ ସହାୟକ ହେବା ନେଇ ଜାତିସଂଘ ଆଶାବାଦୀ ।

- ଚାରି ଦିନିଆ ଆମେରିକା ଗସ୍ତରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଆଜି ହେବ ଦ୍ୱିପାକ୍ଷିକ ବୈଠକ ।

ଏବଂ

- ଲଗାଣ ବର୍ଷାରେ ନେପାଳରେ ବନ୍ୟା, ଉଦ୍ଧାର କାର୍ଯ୍ୟ ଜାରି ।

# ଜାତୀୟ ମହାକାଶ ଦିବସ

ସାରା ଦେଶ ଆଜି ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ ପାଳନ କରୁଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ହେବାକୁ ଥିବା ମୁଖ୍ୟ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ। ଚଳିତ ବର୍ଷର ଉତ୍ସବର ବିଷୟବସ୍ତୁ ହେଉଛି **ଚନ୍ଦ୍ରକୁ ସ୍ପର୍ଶ, ଜୀବନର ଉତ୍କର୍ଷ, ଭାରତର ମହାକାଶ ଗାଥା** । ଏଥିରେ ସମାଜ ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ମହାକାଶ ଅନୁସନ୍ଧାନର ଗଭୀର ପ୍ରଭାବକୁ ଗୁରୁତ୍ୱ ଦିଆଯାଇଛି । ରାଷ୍ଟ୍ରୀୟ ମହାକାଶ ଦିବସ ଅବସରରେ ରାଷ୍ଟ୍ରପତି ରୋବୋଟିକ୍ସ ଚ୍ୟାଲେଞ୍ଜ ଏବଂ ଭାରତୀୟ ଅନ୍ତରୀକ୍ଷ ହ୍ୟାକାଥନ୍‌ର ବିଜେତାମାନଙ୍କୁ ସମ୍ମାନିତ କରିବେ।

ସୂଚନା ଯୋଗ୍ୟ ଗତବର୍ଷ ଆଜିର ଦିନରେ ଚନ୍ଦ୍ରଯାନ-୩ ମିଶନରେ ଚନ୍ଦ୍ର ପୃଷ୍ଠରେ ବିକ୍ରମ ଲ୍ୟାଣ୍ଡରର ସୁରକ୍ଷିତ ଓ ସହଜ ଭାବେ ଅବତରଣ କରିଥିଲା। ଏହି ଉପଲବ୍ଧି ସହିତ ଭାରତ ମହାକାଶ ଯାତ୍ରା କରୁଥିବା ରାଷ୍ଟ୍ରଗୁଡ଼ିକର ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିବା ଚତୁର୍ଥ ରାଷ୍ଟ୍ର ଏବଂ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିଥିବା ପ୍ରଥମ ରାଷ୍ଟ୍ର ହୋଇଥିଲା। ସହଜ ଅବତରଣ ପରେ ପ୍ରଜ୍ଞାନ ରୋଭର ଚନ୍ଦ୍ର ପୃଷ୍ଠରେ ସଫଳ ଭାବେ କାର୍ଯ୍ୟ କରିଥିଲା। ଚନ୍ଦ୍ର ପୃଷ୍ଠରେ ଅବତରଣ ସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିବ ଶକ୍ତି ପଏଣ୍ଟ ନାମରେ ନାମିତ କରିଥିଲା ଏବଂ ଅଗଷ୍ଟ ୨୩କୁ ରାଷ୍ଟ୍ରୀୟ ମହାକାଶ ଦିବସ

ଭାବେ ପାଳନ କରିବାକୁ ଘୋଷଣା କରିଥିଲା । ୧୯୬୦ ମସିହାର ପ୍ରାରମ୍ଭରେ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ  ସ୍ୱତନ୍ତ୍ର ଜ୍ଞାନକୌଶଳ ବିକଶିତ କରି କ୍ରମାଗତ ଭାବେ ଅଗ୍ରଗତି କରିଥିଲା ।

## ପିଏମ୍-ୟୁକ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୟୁକ୍ରେନ ଗସ୍ତ ଯୁଦ୍ଧ ଶେଷ କରିବାରେ ସହାୟକ ହେବ ବୋଲି ଜାତିସଂଘ ମହାସଚିବ ଆଶା ରଖିଥିବା ତାଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି। ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୟୁକ୍ରେନ ଗସ୍ତ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ଦୁଜାରିକ୍ କହିଛନ୍ତି ଯେ ସେହି ଅଞ୍ଚଳକୁ ଅନେକ ରାଷ୍ଟ୍ର ଏବଂ ସରକାରଙ୍କ ମୁଖ୍ୟ ଗସ୍ତ କରିଥିବା ଦେଖିଛୁ ଏବଂ ଆମେ ଆଶା କରୁଛୁ ଯେ ଏହି ସମସ୍ତ ଗସ୍ତ  ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସଂଘର୍ଷ ଶେଷ କରିବା ନିମନ୍ତେ ସହାୟକ ହେବ । ଜାତିସଂଘର ସାଧାରଣ ସଭା ଅତି କମରେ ତିନୋଟି ସଂକଳ୍ପରେ ରୁଷୀୟ ସାମରିକ ଅଭିଯାନ ବନ୍ଦ କରିବାକୁ ଦାବି କରିଛି ଏବଂ ଅନ୍ୟ ଏକ ସଂକଳ୍ପରେ ୟୁକ୍ରେନର ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାକୁ ଦାବି କରିଛି ।

# ପ୍ରଧାନମନ୍ତ୍ରୀ-ୟୁକ୍ରେନ୍

ପୋଲାଣ୍ଡ ଓ ୟୁକ୍ରେନ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଭରେ ପହଞ୍ଚିବେ । ରାଷ୍ଟ୍ରପତି ଭ୍ଲାଦିମିର ଜେଲେନ୍ସ୍କିଙ୍କ ନିମନ୍ତ୍ରଣ କ୍ରମେ ମୋଦି ୟୁକ୍ରେନ ଗସ୍ତରେ ଯାଇଛନ୍ତି । ପୋଲାଣ୍ଡ ଏବଂ ୟୁକ୍ରେନ ଗସ୍ତ ପୂର୍ବରୁ ନିଜର ବିବୃତିରେ ଶ୍ରୀ ମୋଦୀ କହିଛନ୍ତି ଯେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ଚାଲିଥିବା ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ସେ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ପୂର୍ବ ଆଲୋଚନା କରିବେ । ସେ କହିଛନ୍ତି ଯେ, ଜଣେ ବନ୍ଧୁ ଏବଂ ଅଂଶୀଦାର ଭାବରେ ଆମେ ଆଶା କରୁଛୁ ଯେ ଶୀଘ୍ର ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଫେରିବ ।

୧୯୯୨ରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ୟୁକ୍ରେନ ଗସ୍ତ ହେବ । ଅର୍ଥନୈତିକ ଏବଂ ବ୍ୟବସାୟିକ ସମ୍ପର୍କ, କୃଷି, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା, ଔଷଧ, ପ୍ରତିରକ୍ଷା, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ଶ୍ରୀ ମୋଦୀ ଏବଂ ଶ୍ରୀ ଜେଲେନ୍ସ୍କି ଆଲୋଚନା କରିବେ । ୟୁକ୍ରେନରେ ଚାଲିଥିବା ସଂଘର୍ଷ ପରିପ୍ରେକ୍ଷୀରେ ଏହି ଗସ୍ତ ହେଉଥିବାରୁ, ଏହା ମଧ୍ୟ ଆଲୋଚନାର ଏକ ଅଂଶ ହେବ । ବୁଝାମଣାରେ ପହଞ୍ଚିବା ପାଇଁ ଭାରତ କ୍ରମାଗତ ଭାବେ କୂଟନୀତି ଓ ଆଲୋଚନା ପାଇଁ ପରାମର୍ଶ ଦେଇ ଆସୁଛି । ମୋଦୀଙ୍କ

ୟୁକ୍ରେନ୍ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

## ଭିପି-ଗୁଜରାଟ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଗୁଜରାଟର ଅହମ୍ମଦାବାଦ ଓ ଗାନ୍ଧୀନଗର ଗସ୍ତ କରିବେ। ଦିନିକିଆ ଗସ୍ତରେ ଉପରାଷ୍ଟ୍ରପତି ଗାନ୍ଧୀନଗର ସ୍ଥିତ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭର୍ସିଟିର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ସମ୍ବୋଧିତ କରିବା ପରେ ଶ୍ରୀ ଧନଖଡ଼ ଅହମ୍ମଦାବାଦ ସ୍ଥିତ ଗୁଜୁରାଟ ବିଶ୍ୱବିଦ୍ୟାଳୟରେ ଧର୍ମ ଧମ୍ମା ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବେ। ଏହି ଅବସରରେ ଗୁଜୁରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଉପସ୍ଥିତ ରହିବେ।

## ନାଇଡୁ-ଉଡ଼ାନ୍ ଗାଇଡ୍‌ଲାଇନ୍

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଆରସିଏସ-ଉଡାନ ଅଧୀନରେ ସି-ପ୍ଲେନ୍ ଚଳାଚଳ ପାଇଁ ନିର୍ଦ୍ଦେଶାବଳୀ ଉନ୍ମୋଚନ କରିଛନ୍ତି। ଏହି ମାର୍ଗଦର୍ଶିକାରେ ସି-ପ୍ଲେନ୍ ପରିଚାଳନାର ନିରାପତ୍ତା ଏବଂ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି ଓ ଅପରେଟରଠାରୁ

ଆରମ୍ଭ କରି ନିୟାମକ ସଂସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଶୀଦାରଙ୍କ ଦାୟିତ୍ୱକୁ ସ୍ୱଷ୍ଟ ଭାବରେ ବ୍ୟକ୍ତ କରାଯାଇଛି । ଏହି ନିର୍ଦ୍ଦେଶାବଳୀ ସମଗ୍ର ଦେଶରେ ସି-ପ୍ଲେନ୍ କାର୍ଯ୍ୟକୁ ନିରବଚ୍ଛିନ୍ନ ଏବଂ ଦକ୍ଷ ଭାବରେ କାର୍ଯ୍ୟକାରୀ କରିବା ସୁନିଶ୍ଚିତ କରିବ । ଶ୍ରୀ ନାଇଡୁ କହିଛନ୍ତି ଯେ ଦେଶର ଦୁର୍ଗମ ଅଂଚଳକୁ ସଂଯୋଗ କରିବା ଏବଂ ସମସ୍ତଙ୍କ ପାଇଁ ଯାତ୍ରାକୁ ଅଧିକ ଉପଲବ୍ଧ କରାଇବା ଏହି ଗାଇଡଲାଇନର ଲକ୍ଷ୍ୟ । ଆରସିଏସ-ଉଡାନର ସଫଳତା ପରେ ସରକାର ଆସନ୍ତା ୧୦ ବର୍ଷ ପାଇଁ ଆରସିଏସ-ଉଡାନ ୨.୦ ପ୍ରସ୍ତାବ ଆଣିବାକୁ ବିଚାର କରୁଛନ୍ତି ।

## ରାଜନାଥ-ଆମେରିକା

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆମେରିକାର ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନଙ୍କ ନିମନ୍ତ୍ରଣକ୍ରମେ ୪ ଦିନିଆ ଆମେରିକା ଗସ୍ତରେ ଗତକାଲି ସନ୍ଧ୍ୟାରେ ୱାଶିଂଟନରେ ପହଞ୍ଚିଛନ୍ତି। ଏହି ଗସ୍ତ ସମୟରେ ଶ୍ରୀ ସିଂହ ତାଙ୍କ ଆମେରିକା ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍‌ଙ୍କୁ ମଧ୍ୟ ସାକ୍ଷାତ କରିବେ। ପ୍ରତିରକ୍ଷା ମନ୍ତ୍ରୀ ଆମେରିକାର ପ୍ରତିରକ୍ଷା ଶିଳ୍ପ ସହିତ ଚାଲିଥିବା ଏବଂ ଭବିଷ୍ୟତର ପ୍ରତିରକ୍ଷା ସହଯୋଗ ଉପରେ ଏକ ଉଚ୍ଚସ୍ତରୀୟ ରାଉଣ୍ଡଟେବୁଲ ବୈଠକରେ ଅଧ୍ୟକ୍ଷତା କରିବେ । ୨୦୨୩

ନଭେମ୍ବରରେ ପଞ୍ଚମ ବାର୍ଷିକ ଭାରତ-ଆମେରିକା ଟୁ ପ୍ଲସ୍ ଟୁ ମନ୍ତ୍ରୀସ୍ତରୀୟ ଆଲୋଚନା ପରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ପଦକ୍ଷେପର ଅଗ୍ରଗତିକୁ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଶଂସା କରିଛନ୍ତି। ଭାରତର ସାମରିକ ଆଧୁନିକୀକରଣ, ପ୍ରତିରକ୍ଷା ଶିଳ୍ପ ସହଯୋଗ ପାଇଁ ଆମେରିକା-ଭାରତ ରୋଡମ୍ୟାପକୁ ଆଗକୁ ବଢ଼ାଇବା, ଭାରତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଆରବ ସାଗର ଓ ସଂଲଗ୍ନ ଜଳପଥରେ ଆଇନର ଶାସନ ପାଇଁ ଭାରତର ସମର୍ଥନ ନିମନ୍ତେ ୱାଶିଂଟନ ପ୍ରତିଶ୍ରୁତି ଦେଇଛି। ନୂଆଦିଲ୍ଲୀ ଏବଂ ୱାଶିଂଟନ ଇନିସିଏଟିଭ୍ ଅନ କ୍ରିଟିକାଲ ଆଣ୍ଡ ଇମର୍ଜିଂ ଟେକ୍ନୋଲୋଜି ସମେତ ବିଭିନ୍ନ ରଣନୈତିକ, ଆଞ୍ଚଳିକ ଏବଂ ଦ୍ୱିପାକ୍ଷିକ ପ୍ରସଙ୍ଗରେ ନିୟମିତ ଆଲୋଚନା ଏବଂ ଉଚ୍ଚସ୍ତରୀୟ ଗସ୍ତ  ଜାରୀ ରହିଛି । ଗତବର୍ଷ ଜାନୁଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆଇସିଇଟି ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗୀଦାରୀକୁ ସୁଦୃଢ଼ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଉଭୟ ଦେଶ ସ୍ୱୀକାର କରିଛନ୍ତି।

# ନେପାଳ-ବନ୍ୟା

ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପଶ୍ଚିମ ନେପାଳର କାଇଲାଲି ଜିଲ୍ଲାର ୫୦୦ ପରିବାର ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ପ୍ରାୟ ୧୭୦୦ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । କୈଲାରୀ ଗ୍ରାମୀଣ ପୌରପାଳିକା ସମେତ ଭଜନୀ, ଘୋଡ଼ାଘୋଡ଼ି ଓ ଗୌରୀ ଗଙ୍ଗା ପୌରପାଳିକା ସର୍ବାଧିକ ପ୍ରଭାବିତ ହୋଇଛି। ନେପାଳ ପୁଲିସ ଓ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। କଟାଇଣୀ, ଶିବଗଙ୍ଗା, କନ୍ଦ୍ରା ପଥରୟା ଓ ମୋହନା ନଦୀର ବନ୍ୟା ଜଳ ସ୍ଥାନୀୟ ଅଞ୍ଚଳକୁ ଜଳମଗ୍ନ କରିଛି। ଅନେକ ଅଞ୍ଚଳରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି।

# ଖେଲୋ ଇଣ୍ଡିଆ ସାର୍ଟିଫିକେଟ୍

ଡିଜିଲକରରୁ ସାର୍ଟିଫିକେଟ ଡାଉନଲୋଡ୍ କରିବାରେ ଆଥଲେଟ୍‌ମାନଙ୍କୁ ସାହାଯ୍ୟ କରିବା ପାଇଁ ଖେଲୋ ଇଣ୍ଡିଆ ଆଜି ଏକ ୱେବିନାର ଆୟୋଜନ କରିବ। 'ଡିଜିଲକରରୁ ଖେଲୋ ଇଣ୍ଡିଆ ସାର୍ଟିଫିକେଟ କିପରି ଡାଉନଲୋଡ୍ କରିବେ' ଶୀର୍ଷକ ଖେଲୋ ଭାରତର ଏହି ସ୍ୱତନ୍ତ୍ର ୱେବିନାର ଅପରାହ୍ନ ୩ଟାରେ ଆରମ୍ଭ ହେବ । କ୍ରୀଡାବିତ୍ମାନେ ଖେଲୋ ଭାରତର ଅଫିସିଆଲ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରୁ

ୱେବିନାରରେ ଯୋଗ ଦେବା ପାଇଁ ଲିଙ୍କ ପାଇପାରିବେ । ଗତ ବର୍ଷ ଏପ୍ରିଲ ମାସରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଖେଲୋ ଇଣ୍ଡିଆ ଗେମ୍ସ ସାର୍ଟିଫିକେଟକୁ ଡିଜିଲକର ସହ ମିଶାଇ ଆଥଲେଟ୍, ସପୋର୍ଟ ଷ୍ଟାଫ୍, ବୈଷୟିକ ଅଧିକାରୀ, ସେଫ୍ ଡି ମିଶନ ଏବଂ ପ୍ରତିଯୋଗିତା ପରିଚାଳକମାନଙ୍କୁ ସେମାନଙ୍କ ସାର୍ଟିଫିକେଟ୍ ଡିଜିଟାଲ୍ ମାଧ୍ୟମରେ ଆକସେସ୍ କରିବାକୁ ଅନୁମତି ଦେଇଥିଲା।

## ପିଏମ୍-କବାଡ଼ି ପୋଲାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ପୋଲାଣ୍ଡର କବାଡି ଫେଡେରେସନର ସଭାପତି ମିଚଲ ପିଜ୍‌କୋ ଏବଂ ବୋର୍ଡ ସଦସ୍ୟ ଆନ୍ନା କଲବାର୍ସିକ୍‌ଙ୍କୁ ୱାରସ୍‌ରେ ଭେଟିଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ପୋଲାଣ୍ଡରେ କବାଡିକୁ କିପରି ଅଧିକ ଲୋକପ୍ରିୟ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ, ଯେଉଁଥିରେ ଭାରତୀୟ ଏବଂ ପୋଲାଣ୍ଡ ଖେଳାଳିଙ୍କ ମଧ୍ୟରେ ଅଧିକ ପ୍ରତିଯୋଗିତା ସୁନିଶ୍ଚିତ କରାଯିବ ।

# ନୀରଜ ଚୋପ୍ରା

ପ୍ୟାରିସ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା ନୀରଜ ଚୋପ୍ରା ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା ଲୁସାନେ ଡାଇମଣ୍ଡ ଲିଗ୍ ୨୦୨୪ ପ୍ରତିଯୋଗିତାର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ତାରକା ଭାରତୀୟ ଆଥଲେଟ୍ ସିଜନର ଶ୍ରେଷ୍ଠ ୮୯ଦଶମିକ୍ ୪/୯ ମିଟର ଥ୍ରୋ କରି ଶେଷ ପ୍ରୟାସରେ ୯୦ଦଶମିକ୍ ୬/୧ ମିଟରରେ ପହଞ୍ଚିଥିବା ଗ୍ରେଣ୍ଡିଆନ୍ ତାରକା ପିଟର୍ସ ଆଣ୍ଡରସନଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଲୁସାନେ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତା ନୀରଜ ଚୋପ୍ରାଙ୍କ ପାଇଁ ସିଜନର ପଞ୍ଚମ ପ୍ରତିଯୋଗିତା ଅଟେ। ବ୍ରସେଲ୍ସ ଡାଇମଣ୍ଡ ଲିଗ୍ ଫାଇନାଲ୍ ତାଙ୍କ ସିଜନର ଶେଷ ଇଭେଣ୍ଟ ହେବ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଆଣ୍ଡରସନ୍ ଆରମ୍ଭରୁ ଏହି ଇଭେଣ୍ଟରେ ଆଧିପତ୍ୟ ଜାହିର କରି ରେକର୍ଡ ୯୦ଦଶମିକ୍ ୬/୧ ମିଟର ଥ୍ରୋ କରିଥିଲେ। ଜର୍ମାନୀର ଜୁଲିଆନ୍ ଓ୍ୱେବର ଦ୍ୱିତୀୟ ପ୍ରୟାସରେ ୮୭ଦଶମିକ୍ ୦/୮ ମିଟର ଶ୍ରେଷ୍ଠ ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିବା ବେଳେ ଷ୍ଟାଡ୍ ଅଲିମ୍ପିକ୍ ଡି ଲା ପୋଣ୍ଟେଜ୍ ଠାରେ ବିଶ୍ୱର ଏକ ନମ୍ବର ଖେଳାଳି ଜାକୁବ ଭାଦ୍ଲେଜ ତାଙ୍କର ଶ୍ରେଷ୍ଠ ୮୨ଦଶମିକ୍ ୦/୩ ମିଟର ଥ୍ରୋ ସହ ସପ୍ତମ ସ୍ଥାନରେ ରହିଥିଲେ। ଜାପାନର ରୋଡେରିକ୍ ଗେଙ୍କି ଡିନ୍ ମଧ୍ୟ ସିଜନର ଶ୍ରେଷ୍ଠ ୮୩ଦଶମିକ୍ ୧/୯ ମିଟର ଥ୍ରୋ କରି ପଞ୍ଚମ ସ୍ଥାନରେ ରହିଥିଲେ।